# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ରାଉରକେଲା

ପତ୍ର ସଂଖ୍ୟା-୪୩/ ଗୃହରକ୍ଷୀ

ତା.୧୯.୦୨.୨୦୨୫

## ରାଉରକେଲା ପୋଲିସ ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା

ରାଉରକେଲା ପୋଲିସ ଜିଲ୍ଲାର ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ରାଉରକେଲା ପୋଲିସ ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କଠାରୁ ନିର୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form-"A")ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ରାଉରକେଲାଙ୍କ କାର୍ଯ୍ୟାଳୟ (R.O.) ଠାରେ ତା **୨୧.୦୨.୨୦୨୫ରିଖ ଠାରୁ ତା ୧୨.୦୩.୨୦୨୫ରିଖ** ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୧୦୭ । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା/ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡ଼ିବ । ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No. 01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**<u>ଯୋଗ୍ୟତା-</u>**

୧. ଆବେଦନକାରୀ ରାଉରକେଲା ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ଆବେଦନକାରୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୩. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି, ଲେଖି ଏବଂ କହିପାରୁଥିବେ ।

୪. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।

୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧ । ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନ ଥିବ ।

**<u>ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡ଼ିବ:-</u>**

୧. ଆବାସିକ ପ୍ରମାଣପତ୍ର ।

୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରିଗୋଟି ପାସପୋର୍ଟ ଆକାରର ଫଟୋ ।

୪. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର ।

୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ/ଭୋଟର କାର୍ଡ) ।

୬. ଟୋଲଫ୍ରି ନଂ - **୯୮୬୧୫୩୧୪୧୩**
**୯୩୪୮୩୧୯୪୪୯**

ସ୍ୱା/- ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ରାଉରକେଲା